# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th May – 2026

**********************************

## ମୁଖ୍ୟ ସମ୍ବାଦ

- ସଠିକ୍ ନ୍ୟାୟପ୍ରଦାନ ପାଇଁ ରାଜ୍ୟରେ ପ୍ରତିଷ୍ଠା ହେବ ୭ଟି ମହିଳା ଫାଷ୍ଟ୍ରାକ୍ ଓ ୫ଟି ସାଇବର କୋର୍ଟ ।

- ରାଜ୍ୟର ସମସ୍ତ ଜିଲ୍ଲାରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ।

- ଓଡ଼ିଶା ଉପକୂଳରୁ ଅତ୍ୟାଧୁନିକ ଅଗ୍ନି କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ।

- ଚନ୍ଦନ ଯାତ୍ରାର ଶେଷ ଦିବସରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା ସହ ଅନୁଷ୍ଠିତ ହେଉଛି ଭଉଁରୀ ନୀତି ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ବଜ୍ରପାତ ସହ ବର୍ଷା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ।

# ସାଇବର କୋର୍ଟ

ରାଜ୍ୟରେ ଜନସାଧାରଣଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଏବଂ ସାଇବର ଅପରାଧର ତ୍ୱରିତ ବିଚାର ପାଇଁ ୭ଟି ମହିଳା ଫାସ୍‌ଟ୍ରାକ୍ ଏବଂ ୫ଟି ସାଇବର କୋର୍ଟ ପ୍ରତିଷ୍ଠା ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଭୁବନେଶ୍ୱରଠାରେ ଆଇନ ବିଭାଗ ଓ ୟୁ.ଏନ୍.ଏଫ୍.ପି.ଏ.ର ମିଳିତ ଆନୁକୂଲ୍ୟରେ ଆୟୋଜିତ କର୍ମଶାଳାରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି, ପୀଡ଼ିତଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଏହା ସହାୟକ ହୋଇପାରିବ । ୨୦୩୬ ସମୃଦ୍ଧ ଓଡ଼ିଶା ଓ ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ପୂରଣପାଇଁ ବିଧିବ୍ୟବସ୍ଥାରେ ଅନେକ ସୁଧାର ଆଣିବାକୁ ପଡ଼ିବ । ଗ୍ରାମାଞ୍ଚଳରେ ବାସ କରୁଥିବା ସାଧାରଣ ଜନତା, ୬୨ ଜନଜାତି ସମୁଦାୟ, ୧୩ଟି ପି.ଭି.ଟି.ଜି. ବର୍ଗଙ୍କ ସ୍ଥିତିକୁ ନଜରରେ ରଖି ସରକାର ଯୋଜନା ପ୍ରସ୍ତୁତ ଉପରେ ଗୁରୁତ୍ୱ ଦେଉଛନ୍ତି । ଅର୍ଥନୈତିକ ବିକାଶ ସହିତ ସାମଗ୍ରିକ ବିକାଶ ନେଇ ରାଜ୍ୟ ସରକାର ବିସ୍ତୃତ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରୁଛନ୍ତି ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

***Voice (Harichandan)*** :.......

ବିଚାରପତିମାନେ ସାଇବର ଆଇନ ଓ ଏହା ସହିତ ଜଡ଼ିତ ବୈଷୟିକ ଜ୍ଞାନ ଉପରେ ବିଶେଷ ଧ୍ୟାନ ରଖିବେ, ଯାହାଫଳରେ ଡିଜିଟାଲ୍ ପ୍ରମାଣଗୁଡ଼ିକୁ

ବୁଝିବାରେ ସହଜ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି । କାର୍ଯ୍ୟକ୍ରମରେ ଆଇନ କମିଶନର ଜଷ୍ଟିସ୍ ବିଶ୍ୱନାଥ ରଥ, ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

*Desk, Cuttack, Nuapada, Rayagada, Gajapati, Ganjam, Malkangiri/R*

## ରାଷ୍ଟ୍ରୀୟ ଲୋକ ଅଦାଲତ

ରାଜ୍ୟର ସମସ୍ତ ଜିଲ୍ଲାରେ ଆଜି ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଓଡ଼ିଶା ଆଇନସେବା ପ୍ରାଧିକରଣର ମୁଖ୍ୟ ପୃଷ୍ଠପୋଷକ ତଥା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ତତ୍ତ୍ୱାବଧାନରେ ଅଦାଲତ ଆୟୋଜିତ ହୋଇଥିଲା । ଏଥିରେ ୧୧୫ଟି ମାମଲାର ସମାଧାନ ହେବା ସହିତ ୯ କୋଟି ୬୮ ଲକ୍ଷ ୧୧ ହଜାର ୩୩୪ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲା କୋର୍ଟରେ ଦୁର୍ଘଟଣା, ବୀମା ଅପରାଧ, ଚାକିରି ସମ୍ବନ୍ଧୀୟ ଆଦି ମାମଲାଗୁଡ଼ିକର ଶୁଣାଣି ହୋଇଛି ।

ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓ ତାଲୁକସ୍ତରୀୟ ଅଦାଲତରେ ୫ ହଜାର ୭୯୬ଟି ବିଭିନ୍ନ ମାମଲାର ଶୁଣାଣି କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୮୩ ଲକ୍ଷ ୨୪ ହଜାର ୨୦ ଟଙ୍କା ଆଦାୟ କରାଯାଇଛି ।

ରାୟଗଡ଼ାରେ ଅନୁଷ୍ଠିତ ଲୋକ ଅଦାଲତରେ ୨୫ ହଜାର ୨୭୮ଟି ମାମଲାର ସମାଧାନ କରାଯାଇ ୨୪ ଲକ୍ଷ ୮୩ ହଜାର ୫୯୪ ଟଙ୍କା ଆଦାୟ କରାଯାଇଛି ।

ଗଜପତି ଜିଲ୍ଲାର ଆର୍. ଉଦୟଗିରି, ମୋହନ ଓ କାଶୀନଗରଠାରେ ଥିବା ତାଲୁକସ୍ତରୀୟ ଅଦାଲତରେ ଅନୁଷ୍ଠିତ ଶିବିରରେ ୧ ହଜାର ୮୪୯ଟି ମାମଲା ମଧ୍ୟରୁ ୧ ହଜାର ୧୬୬ଟି ମାମଲାର ସମାଧାନ କରାଯାଇ ଜରିମାନା ବାବଦକୁ ୨୮ ଲକ୍ଷ ୭୮ ହଜାର ୬୪୮ ଟଙ୍କା ଆଦାୟ କରାଯାଇଛି ।

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଦାଲତରେ ୨୭ ହଜାର ୪୩୨ଟି ମାମଲାର ଆପୋଷ ସମାଧାନ କରାଯାଇ କ୍ଷତିପୂରଣ ବାବଦରେ ୩ କୋଟି ୩୫ ଲକ୍ଷ ୭ ହଜାର ୫୭୮ ଟଙ୍କା ଆଦାୟ କରାଯାଇଛି ।

ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଦାଲତରେ ମୋଟ୍ ୧୩ ହଜାର ୬୧୫ଟି ମାମଲାର ଫଇସଲା କରାଯାଇଛି ।

***BBSR/R***

# ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ଓଡ଼ିଶା ଜଳ ନିଗମ - ୱାଟ୍‌କୋ ସମସ୍ତ ୨୯ଟି ସହରାଞ୍ଚଳରେ ଶତ ପ୍ରତିଶତ ଘରୋଇ ପାଇପ୍ ଜଳ ସଂଯୋଗକୁ ନିଶ୍ଚିତ କରି ସାର୍ବଜନୀନ ଜଳଯୋଗାଣ ଲକ୍ଷ୍ୟ ପୂରଣ କରିଛି । ରାଜ୍ୟର ସହରାଞ୍ଚଳ ଜଳ ପରିଚାଳନା

କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟଗୁଡ଼ିକ ମଧ୍ୟରେ ଏହି ସଫଳତା ହାସଲ କରି ନୂତନ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ଚଳିତ ବର୍ଷ ମାର୍ଚ୍ଚ ମାସ ସୁଦ୍ଧା ୱାଟ୍‌କୋ ପ୍ରାୟ ୭ ଲକ୍ଷ ୬୩ ହଜାର ୮୨ଟି ଘରୋଇ ସଂଯୋଗ ମାଧ୍ୟମରେ ୪୦ ଲକ୍ଷ ୯୧ ହଜାର ସହରବାସୀଙ୍କୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଆସୁଛି । 'ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍' ଅଭିଯାନ ଏହି ପ୍ରୟାସକୁ ଅଧିକ ଗତିଶୀଳ କରିଛି । ବର୍ତ୍ତମାନ ୧୧ଟି ସହରାଞ୍ଚଳରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସଫଳତାର ସହ ଜାରି ରହିଛି । ଅନ୍ୟ ୧୭ଟି ସହରରେ ଏହାର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ କରାଯାଉଛି । ଆଗାମୀ ଦିନରେ ୱାଟ୍‌କୋ ୬ ହଜାର ୧୨୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବୃହତ୍ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛି । ଆଧୁନିକ ପ୍ରଯୁକ୍ତି, ଦୃଢ଼ ଭିତ୍ତିଭୂମି ଓ ସୁସ୍ଥ ପରିଚାଳନା ମାଧ୍ୟମରେ ରାଜ୍ୟର ସହରାଞ୍ଚଳରେ ବିଶ୍ୱସ୍ତରୀୟ ନାଗରିକ ସେବା ପ୍ରଦାନ ପାଇଁ ୱାଟ୍‌କୋ ନିରନ୍ତର କାର୍ଯ୍ୟ କରୁଛି ବୋଲି ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ମହାନ୍ତି କହିଛନ୍ତି ।

***Desk***

# ଅଗ୍ନି – ପରୀକ୍ଷଣ

ଓଡ଼ିଶା ଉପକୂଳ ଅବଦୁଲ୍ କଲାମ୍ ଦ୍ୱୀପରୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ – ଡି.ଆର୍.ଡି.ଓ. ଅତ୍ୟାଧୁନିକ 'ଅଗ୍ନି' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି । ଏମ୍.ଆଇ.ଆର୍.ଭି. ଦକ୍ଷତା ଥିବା ଏହି କ୍ଷେପଣାସ୍ତ୍ରରେ

ଏକାଧିକ ପେଲୋଡ୍ ସହିତ ଉଡ଼ାଣ ପରୀକ୍ଷଣ କରାଯାଇଥିଲା । ଭାରତ ମହାସାଗର ଏବଂ ବିସ୍ତୃତ ଭୌଗୋଳିକ କ୍ଷେତ୍ରରେ ଏହି ପରୀକ୍ଷଣ କରାଯାଇଥିବା ଡି.ଆର୍.ଡି.ଓ. ପକ୍ଷରୁ ସୂଚନା ମିଳିଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡି.ଆର୍.ଡି.ଓ.ର ସଫଳତାପାଇଁ ଭାରତୀୟ ସେନା ଓ ଶିଳ୍ପସଂସ୍ଥାକୁ ପ୍ରଶଂସା କରିଛନ୍ତି । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ଏହା ଏକ ନୂତନ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ ବୋଲି ଶ୍ରୀ ସିଂହ କହିଛନ୍ତି ।

***Puri/R***

## ଶ୍ରୀକ୍ଷେତ୍ରେ ଭଉଁରୀ

ଶ୍ରୀକ୍ଷେତ୍ର ପୁରୀରେ ଭଉଁରୀ ଯାତ୍ରା ଅବସରରେ ଆଜି ପରମ୍ପରା ଅନୁସାରେ ରଥଖଳାରେ ତିନିରଥରେ ଚକଅଖ ଡେରା ନୀତି ସମ୍ପନ୍ନ ହୋଇଛି । ସକାଳ ଧୂପ ନୀତି ଶେଷ ହେବା ପରେ ଶ୍ରୀମନ୍ଦିରୁ ଆଜ୍ଞାମାଳ ବିଜେହୋଇ ଭୋଇ ସେବକଙ୍କଦ୍ୱାରା ତିନିରଥର ଦୁଇଟି ଲେଖାଏଁ ନାହାକା ଚକରେ ଅଖଡେରା ନୀତି କରାଯାଇଥିଲା । ଆଜି ବାହାର ଚନ୍ଦନଯାତ୍ରାର ଶେଷ ଦିବସରେ ନରେନ୍ଦ୍ର ପୁଷ୍କରିଣୀରେ ରାତ୍ର ଚାପରେ ୨୧ ଘେରା ଜଳକ୍ରୀଡ଼ା ସହ ଭଉଁରୀ ବିଧି ଅନୁଷ୍ଠିତ ହେଉଛି । ଆଗାମୀ ଦିନରେ ରଥ ନିର୍ମାଣ କାର୍ଯ୍ୟ ସଠିକ୍ ସମୟରେ ଶେଷ ହେବାସହ ଶୃଙ୍ଖଳିତ ଭାବେ ରଥଯାତ୍ରା ସମାପନ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଆଶାବ୍ୟକ୍ତ କରିଛନ୍ତି ।

*Puri/R*

# ରତ୍ନଭଣ୍ଡାର ଗଣତି ମଣତି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣିତ କାର୍ଯ୍ୟ ସୋମବାରଠାରୁ ଆରମ୍ଭ ହେବ । ୨ ଦିନ ଧରି ଏହି ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି । ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଏହି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା । ସୂଚନା ଅନୁସାରେ ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତି ମଣତି କରାଯାଇ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି ।

*Desk*

# କାଜୁଶିଳ୍ପ ପ୍ରଦର୍ଶନୀ

କାଜୁ ପ୍ରକ୍ରିୟାକରଣ ଶିଳ୍ପ ନୂଆ ଯନ୍ତ୍ର ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କୃଷକଙ୍କୁ ଆର୍ଥିକ ଦିଗରେ ସଶକ୍ତ କରିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଜିଲ୍ଲା କାଜୁ ପ୍ରକ୍ରିୟାକରଣ ଶିଳ୍ପ ସଂଘ ପକ୍ଷରୁ ଆୟୋଜିତ କାଜୁଶିଳ୍ପ ସମ୍ବନ୍ଧୀୟ ଯନ୍ତ୍ର ପ୍ରଦର୍ଶନୀରେ ଯୋଗଦେଇ କାଜୁ ପ୍ରକ୍ରିୟାକରଣ ଦିଗରେ ନୂତନ ଯନ୍ତ୍ରପାତି କାଜୁ ଉତ୍ପାଦନ ବୃଦ୍ଧି, ଉନ୍ନତ ଗୁଣବତ୍ତା ରକ୍ଷା କରିବ ବୋଲି ମନ୍ତ୍ରୀ କହିଛନ୍ତି ।

ସ୍ଥାନୀୟ ଉଦ୍ୟୋଗ ସୃଷ୍ଟି ଓ କୃଷକଙ୍କ ଆୟ ବୃଦ୍ଧିପାଇଁ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଆଶାବ୍ୟକ୍ତ କରିଛନ୍ତି ।

***Nabarangpu/R***

# ମହିଳା ଜନଆକ୍ରୋଶ ସମାବେଶ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍‌ଠାରେ ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

***Jajpur/R***

# ପ୍ରକଳ୍ପ ସମୀକ୍ଷା

ଯାଜପୁର ଜିଲ୍ଲା ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ନିର୍ବାଚନମଣ୍ଡଳୀର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଶ୍ରୀ ସାହୁ ନିର୍ଦ୍ଦେଶ

ଦେଇଛନ୍ତି । ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଜଳସଙ୍କଟ ଦୂରୀକରଣ, ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି ।

***Bhadrak/R***

## ସ୍ୱଚ୍ଛତା ଅଭିଯାନ

ଭଦ୍ରକ ସହରକୁ ବିକଶିତ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି । ସହରକୁ ସୁନ୍ଦର ଓ ସ୍ୱଚ୍ଛ ରଖିବାପାଇଁ ବଅନ୍ତ ଛକ ବସ୍‌ଷ୍ଟାଣ୍ଡରୁ ଚରମ୍ପା ପର୍ଯ୍ୟନ୍ତ ଉଠା ଦୋକାନୀମାନଙ୍କୁ ସରକାରୀ ଜାଗାରୁ ହଟାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

***Kendrapara/R***

## ସି.ଏମ୍. ଟ୍ରଫି

କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇସ୍ଥିତ ହରିହର ନନ୍ଦ ଆଶ୍ରମ ବିଦ୍ୟାଳୟ ଖେଳପଡ଼ିଆଠାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସି.ଏମ୍. ଟ୍ରଫି ଫୁଟ୍‌ବଲ୍ ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ

ହୋଇଛି । ବାଳକ ବିଭାଗରେ ପଟ୍ଟାମୁଣ୍ଡାଇ ଦଳ ୪-୨ ଗୋଲ୍‌ରେ ନେତାଜୀ କ୍ଲବ୍, ରାଜକନିକାଠାରୁ ବିଜୟୀ ହୋଇଛି । ବାଳିକା ବିଭାଗରେ ଆଳି ହାଇସ୍କୁଲ୍ ୨-୦ ଗୋଲ୍‌ରେ ଆଳି ଏକାଡେମୀକୁ ପରାସ୍ତ କରି ସି.ଏମ୍. ଟ୍ରଫି ହାସଲ କରିଛି ।

***Met. O.***

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ସୋମବାର ସୁଦ୍ଧା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି।

******